[2011] 13 (ADDL.) S.C.R. 107

ଓଡ଼ିଶା ଘରୋଇ ଡାକ୍ତରଖାନା ଏବଂ ଦନ୍ତ୍ୟ ମହାବିଦ୍ୟାଳୟ

ସଂଗଠନ, ଏହାର ଅଧ୍ୟକ୍ଷଙ୍କ ମାଧ୍ୟମରେ

ବନାମ

ଅଧ୍ୟକ୍ଷ, ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-2011 ଏବଂ ଅନ୍ୟମାନେ

ଦେୱାନୀ ଆବେଦନ ସଂଖ୍ୟା 9690/2011

ନଭେମ୍ବର 11, 2011

**[ଏଚ୍. ଏଲ୍. ଦତ୍ତୁ ଏବଂ ଚନ୍ଦ୍ରମୌଳି କେଆର୍. ପ୍ରସାଦ, ନ୍ୟାୟମୂର୍ତ୍ତି ଦ୍ୱୟ]**

*ଶିକ୍ଷା/ଶିକ୍ଷାନୁଷ୍ଠାନଗୁଡ଼ିକ:*

*ଡାକ୍ତରଖାନା ଏବଂ ଦନ୍ତ୍ୟ ମହାବିଦ୍ୟାଳୟ – ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-2011 (ଓଜେଇଇ-11)— ଅଧ୍ୟକ୍ଷ, ଓଜେଇଇ-11 ତା 24.11.2011 ରିଖ କିମ୍ବା ତା 'ପୂର୍ବରୁ ଆବେଦନ ସଙ୍ଗଠନରେ ସଦସ୍ୟ ଥିବା ଘରୋଇ ଡାକ୍ତରଖାନା ମହାବିଦ୍ୟାଳୟ/ମହାବିଦ୍ୟାଳୟ ଗୁଡ଼ିକରେ ଏବେ ବି ଖାଲି ପଡ଼ିଥିବା ଆଠଟି ଆସନ ପୂରଣ କରିବା ଲାଗି ପ୍ରତୀକ୍ଷା ତାଲିକାରେ ଥିବା 624 ଜଣ ଓଜେଇଇ-11 ଯୋଗ୍ୟ ପ୍ରାର୍ଥୀଙ୍କ ପ୍ରବେଶ ପାଇଁ ଉପଯୁକ୍ତ ନିୟମ ଏବଂ ବିନିମୟଗୁଡ଼ିକର ସର୍ତ୍ତରେ ପୁନଶ୍ଚ ସ୍ଥାନ ପରାମର୍ଶ ପରିଚାଳନା ନିମନ୍ତେ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଛନ୍ତି– ଆବେଦନକାରୀ 30.11.2011 ତାରିଖରେ କିମ୍ବା ପୂର୍ବରୁ ପ୍ରବେଶ ନେଇଥିବା ପ୍ରାର୍ଥୀଙ୍କ ତାଲିକା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ମଧ୍ୟ ଉପସ୍ଥାପନ କରିବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 9690/2011 ।

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକଙ୍କ ରିଟ୍ ଆବେଦନ ସଂଖ୍ୟା 429/2011ରେ ତା 07.09.2011ରିଖ ର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏଲ୍. ନାଗେଶ୍ୱର ରାୟ, ଅମିତାଭ ବାଗଚି, ଏସ୍ କେ ଦାସ ( ଅଜୟ ଚୌଧୁରୀଙ୍କ ପାଇଁ ) ।

ପ୍ରତିବାଦୀମାନଙ୍କ ପାଇଁ ମିଳିନ୍ଦ କୁମାର ।

ନ୍ୟାୟାଳୟଙ୍କ ଆଦେଶ ପ୍ରଦାନ କରାଗଲା ।

## ଆଦେଶ

**ଏଚ୍. ଏଲ୍. ଦତ୍ତୁ, ନ୍ୟାୟମୂର୍ତ୍ତି** 1. ଅନୁମତି ପ୍ରଦାନ କରାଗଲା ।

2. ଏହି ଆବେଦନରେ, ଆବେଦନକାରୀ-ଓଡ଼ିଶା ଘରୋଇ ଡାକ୍ତରଖାନା ଏବଂ ଦନ୍ତ୍ୟ ମହାବିଦ୍ୟାଳୟ ସଙ୍ଗଠନ, ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଡବ୍ଲ୍ୟୁ. ଏ. ସଂଖ୍ୟା 429/2011 ର ତା 07/09/2011 ରିଖରେ ପାରିତ ହୋଇଥିବା ରାୟ ଏବଂ ଆଦେଶ ଆକ୍ଷେପିତ କରୁଛନ୍ତି ।

3. ଏହି ଆବେଦନଟିର ସମାଧାନ ଉଦ୍ଦେଶ୍ୟରେ, ଏହି ଆବେଦନରେ ଉଠାଯାଇଥିବା ତଥ୍ୟ ଏବଂ ପ୍ରସଙ୍ଗକୁ ଆମେ ବିସ୍ତୃତ ଭାବରେ ଧ୍ୟାନ ଦେବାର ଆବଶ୍ୟକତା ନାହିଁ, ଯେହେତୁ ଶୁଣାଣି ସମୟରେ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ନିବେଦନ ଏକ ସଂକୀର୍ଣ୍ଣ ପରିସରରେ ରହିଛି ।

4. ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ଏଲ୍. ନାଗେଶ୍ୱର ରାଓ ନିବେଦନ କରିଛନ୍ତି ଯେ, ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା-2011 (ସଂକ୍ଷେପରେ, "ଓଜେଇଇ-11") ପ୍ରତିବାଦୀ ସଂଖ୍ୟା 1 ର ଅଧ୍ୟକ୍ଷଙ୍କ ଦ୍ୱାରା ଦାଖଲ ହୋଇଥିବା ଉତ୍ତର ସତ୍ୟପାଠକୁ ଦୃଷ୍ଟିରେ ରଖି ଆବେଦନକାରୀ ସଂଘର ସଦସ୍ୟ ଥିବା ଘରୋଇ ଡାକ୍ତରଖାନା ମହାବିଦ୍ୟାଳୟଗୁଡ଼ିକରେ ଆଠଟି ଖାଲି ଆସନ ପୂରଣ କରିବା ପାଇଁ ପ୍ରତୀକ୍ଷା ତାଲିକାରେ ଥିବା 624 ଓଜେଇଇ-11ର ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ପୁନଶ୍ଚ ପରାମର୍ଶ କରିବାକୁ ସେମାନଙ୍କୁ ଏକ ନିର୍ଦ୍ଦେଶ ଜାରି କରାଯାଇପାରେ ।

5. ଆବେଦନକାରୀଙ୍କ ପାଇଁ ବିଜ୍ଞ ବରିଷ୍ଠ ଅଧିବକ୍ତା ଦ୍ୱାରା କରାଯାଇଥିବା ଯୁକ୍ତିଯୁକ୍ତ ଅନୁରୋଧକୁ ପ୍ରତିବାଦୀ ଓଜେଇଇ-11 ପାଇଁ ବିଜ୍ଞ ଅଧିବକ୍ତା ଆପତ୍ତି କରନ୍ତି ନାହିଁ ।

6. ଫଳସ୍ୱରୂପ, ଆମେ ଆଦେଶ ଦେଉଛୁ ଯେ, ପ୍ରତିବାଦୀ ସଂଖ୍ୟା-1, ତା 24.11.2011 ରିଖରେ କିମ୍ବା ତା' ପୂର୍ବରୁ ନାମଲେଖା ପାଇଁ ପ୍ରଯୁଜ୍ୟ ନିୟମାବଳୀ ଓ ବିନିୟମାବଳୀକୁ ଆଖି ଆଗରେ ରଖି, ଏବେ ବି ଖାଲି ପଡ଼ିଥିବା ଘରୋଇ ଡାକ୍ତରଖାନା ମହାବିଦ୍ୟାଳୟ/ମହାବିଦ୍ୟାଳୟଗୁଡ଼ିକରେ ଯେଉଁମାନେ ଆବେଦନକାରୀ ସଂଘର ସଦସ୍ୟ, ଆଠଟି ଆସନ ପୂରଣ କରିବା ପାଇଁ ପ୍ରତୀକ୍ଷା ତାଲିକାରେ ଥିବା 624 ଜଣ ଓଜେଇଇ-11 ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ପୁନଶ୍ଚ ପରାମର୍ଶ କରିବେ । ଆବେଦନକାରୀ ତା 30.11.2011 ରିଖରେ କିମ୍ବା ପୂର୍ବରୁ ପ୍ରବେଶ ନେଇଥିବା ପ୍ରାର୍ଥୀଙ୍କ ତାଲିକା ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ମଧ୍ୟ ଉପସ୍ଥାପନ କରିବେ ।

7. ସେହି ଅନୁଯାୟୀ ଆବେଦନଟିର ସମାଧାନ କରାଗଲା ।

ଡି.ଜି. ଆବେଦନର ପରିସମାପ୍ତି ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକ: ସଙ୍ଗୀତା ସେନାପତି

ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ